# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 20 March - 2026

********************************

## ମୁଖ୍ୟ ସମ୍ବାଦ

- ବଜେଟ ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ଗୃହରେ ପୂର୍ତ୍ତ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବି ଉପରେ ଜାରି ରହିଛି ଆଲୋଚନା
- ପାରମ୍ପରିକ କୃଷି ସହିତ ଅନ୍ୟ କୃଷି ପଦ୍ଧତିକୁ ଗ୍ରହଣ କରିବା ପାଇଁ ଚାଷୀମାନଙ୍କୁ କୃଷିମନ୍ତ୍ରୀଙ୍କ ପରାମର୍ଶ
- ୧୩ ହଜାରରୁ ଊର୍ଦ୍ଧ୍ୱ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ନିୟମିତ କଲେ ରାଜ୍ୟ ସରକାର

ଏବଂ

- ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ

## ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ ଅଧିବେଶନରେ ଆଜି ଅପରାହ୍ଣରେ ଗୃହରେ ପୂର୍ତ୍ତ, ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚଦାବିକୁ ବିଭାଗୀୟ ମନ୍ତ୍ରୀମାନେ ଉପସ୍ଥାପନ କରଛନ୍ତି। ପୂର୍ତ୍ତ ବିଭାଗ ପାଇଁ ୧୩ ହଜାର ୯୧୪ କୋଟି ୨୮ ଲକ୍ଷ, ଗଣଶିକ୍ଷା ବିଭାଗ ପାଇଁ ୩୧ ହଜାର ୯୮୭ କୋଟି ୨୩ ଲକ୍ଷ ଓ ଉଚ୍ଚଶିକ୍ଷା ବିଭାଗ ପାଇଁ ୩ ହଜାର ୬୬୪ କୋଟି ୪୦ ଲକ୍ଷ ଟଙ୍କା ଖର୍ଚ୍ଚଦାବି ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ଜାରି ରହିଛି। ଆଲୋଚନା ଶେଷରେ ବିଭାଗୀୟ ମନ୍ତ୍ରୀମାନେ ପୃଥକ ପୃଥକ ଭାବେ ଉତ୍ତର ରଖିବେ।

## ଓୟୁଏଟି କୃଷକ ମେଳା

ରାଜ୍ୟର ଅନ୍ନଦାତାଙ୍କୁ ସବୁ କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇ ଦେବାପାଇଁ ସରକାର ସଂକଳ୍ପବଦ୍ଧ। ପାରମ୍ପରିକ କୃଷି ବ୍ୟବସ୍ଥା ସହିତ ଅନ୍ୟ କୃଷି ପଦ୍ଧତିକୁ ଗ୍ରହଣ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ-ଓୟୁଏଟି ପରିସରରେ ଆୟୋଜିତ ଦୁଇଦିନିଆ କୃଷକମେଳା-୨୦୨୬ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଆଜିର ଚାଷୀ କେବଳ ଚାଷୀ ନୁହେଁ; ଜଣେ କୃଷି ଉଦ୍ୟୋଗୀ। ରାଜ୍ୟ ଉତ୍ପାଦନରେ ଜାତୀୟ ହାରଠାରୁ ଆଗରେ ରହିଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଗ୍ରାମୀଣ ଓଡ଼ିଶାର ବିକାଶ ପାଇଁ ଚାଷୀଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ଚାଷୀଙ୍କୁ ଆତ୍ମନିର୍ଭର

କରିବା ପାଇଁ ସରକାରୀ ଯୋଜନାର ପରିସୀମାକୁ ବୃଦ୍ଧି କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମହିଳା କୃଷି ଓ ବିକଶିତ କୃଷି ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ୩୦ଟି ଜିଲ୍ଲାର ୩୩ଟି କୃଷି, ମତ୍ସ୍ୟ, ପଶୁସମ୍ପଦ କ୍ଷେତ୍ରରେ ବିଶେଷ ଯୋଗଦାନ ଦେଇଥିବା ମହିଳା କୃଷକଙ୍କୁ ସମ୍ମାନୀତ କରାଯାଇଥିଲା। ଓୟୁଏଟି ପରିସରରେ ଆୟୋଜିତ କୃଷି ମେଳାରେ ୧୫ରୁ ଅଧିକ କୃଷି ସମ୍ପର୍କିତ ଷ୍ଟଲ ପ୍ରଦର୍ଶିତ ହେଉଛି।

## ସ୍କିମାଟିକ୍ ଶିକ୍ଷକ ନିୟମିତ

ରାଜ୍ୟରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକଙ୍କୁ ସରକାର ନିୟମିତ କରିଛନ୍ତି। ୨୦୨୩-୨୪ ଆର୍ଥିକବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରାଯିବା ସହିତ ଚଳିତବର୍ଷ ଜାନୁୟାରୀ ମାସ ପହିଲାରୁ ନିୟମିତ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ।  ଏହାଦ୍ୱାରା ରାଜ୍ୟର ୧୩ ହଜାରରୁ ଊର୍ଦ୍ଧ୍ୱ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ଉପକୃତ ହୋଇଛନ୍ତି। ଶିକ୍ଷକମାନଙ୍କୁ ନିୟମିତ କରିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ଘୋଷଣା କରିଥିଲେ।

## ନିଶାମୁକ୍ତ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଶାମୁକ୍ତ ଭାରତ ଆହ୍ୱାନ  ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ୧୫ ସୂତ୍ରୀ ମାର୍ଗଦର୍ଶିକାକୁ ଆଧାର କରି ସମଗ୍ର ଦେଶରେ ନିଶା ବିରୋଧୀ ଅଭିଯାନ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ପୁଲିସ୍ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଐତିହାସିକ ସଫଳତା ହାସଲ କରିଛି। ଏହି ସମୟସୀମା ମଧ୍ୟରେ ପ୍ରାୟ ୧ ହଜାର ୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷକୁ ନଷ୍ଟ

କରାଯିବା ସହିତ ୬୫୪ ଜଣ ଆନ୍ତଃରାଜ୍ୟ ବେପାରୀଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱର ପୁଲିସ୍ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା ଯୋଗଦେଇ କହିଛନ୍ତି, ରାଜ୍ୟରେ ନିଶାଦ୍ରବ୍ୟ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଆସନ୍ତା ମାସ ପହିଲାରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ଆଗାମୀ ୩ ବର୍ଷ ମଧ୍ୟରେ ରାଜ୍ୟକୁ ନିଶାଦ୍ରବ୍ୟମୁକ୍ତ କରାଯିବ ବୋଲି ଶ୍ରୀ ଖୁରାନିୟା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଆଇଆଇଏମ୍‌ସି

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୃଥୁଲ କୁମାର ଆଜି ଢେଙ୍କାନାଳ ସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନ-ଆଇଆଇଏମ୍‌ସି କ୍ୟାମ୍ପସ୍ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ କୁମାର ଛାତ୍ରଛାତ୍ରୀଙ୍କ ଦକ୍ଷତା ଓ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ ଦେବା ସହିତ ଡିଜିଟାଲ କଣ୍ଟେଣ୍ଟର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ।

## - V/O –

## ରତ୍ନଭଣ୍ଡାର ଗଣତି-ମଣତି

**ପୁରୀ** ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି ସମ୍ପର୍କିତ ଉଚ୍ଚସ୍ତରୀୟ କମିଟି ବୈଠକ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ବୁଧବାର ଚୈତ୍ର ଶୁକ୍ଳ ସପ୍ତମୀ ତିଥିରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତି-ମଣତି କରାଯିବା ନେଇ ଦିନ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ

ମାର୍ଗଦର୍ଶିକା ଅନୁସାରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ସ୍ଥିର ହୋଇଛି। ପର୍ବପର୍ବାଣୀ ତଥା ଶନିବାର ଓ ରବିବାର ଦିନ ଗଣତି-ମଣତି ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ସମସ୍ତ ପ୍ରକ୍ରିୟାକୁ ସମ୍ପାଦନ କରାଯିବା ସହିତ ୧୯୭୮ ମସିହା ଗଣତି-ମଣତି ତାଲିକା ସହ ମେଳା କରାଯାଇ ସମ୍ପୂର୍ଣ୍ଣ ଭିଡିଓ ଓ ଫଟୋଗ୍ରାଫି କରାଯିବାକୁ ନିଆଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ, ପରିଚାଳନା କମିଟିର ପାଞ୍ଚ ଜଣ ସେବକ ପ୍ରତିନିଧି, ଛତିଶାନିଯୋଗ ମହାନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପଖାଳ-ମୁଖ୍ୟମନ୍ତ୍ରୀ

ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ ପଖାଳର ଲୋକପ୍ରିୟତାକୁ ଆହୁରି ବଢ଼ାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ପଖାଳ ରାଜ୍ୟର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଏହି ଦିବସର ମୂଳ ଲକ୍ଷ୍ୟ। ପ୍ରତିଟି ଓଡ଼ିଆଙ୍କ ହାଣ୍ଡିଶାଳରେ ଆଦୃତ ଏହି ପାରମ୍ପରିକ ଖାଦ୍ୟ ଆମକୁ ସରଳତା ଏବଂ ଏକତାର ଶିକ୍ଷା ଦେଇଥାଏ।

ଏହି ପାରମ୍ପରିକ ଖାଦ୍ୟ ଆଜି ବିଶ୍ୱସ୍ତରରେ ପ୍ରାକୃତିକ ପ୍ରୋ-ବାୟୋଟିକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡକୁ

ଅଗ୍ରସର ହେବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ। ଖାଦ୍ୟ ଅପଚୟ ରୋକିବା ଓ ସୁସ୍ଥ ଜୀବନଶୈଳୀ ଆପଣାଇବାରେ ପଖାଳର ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଏହି ଅବସରରେ ଗିନିଜ୍ ବୁକ୍ ଅଫ୍ ଓ୍ୱାଲ୍ଡ ରେକର୍ଡ ପାଇଁ ବିଭାଗ ପକ୍ଷରୁ ୮୫୦ କିଲୋଗ୍ରାମ ଚାଉଳରେ ପଖାଳ ପ୍ରସ୍ତୁତ କରାଯାଇ ଅବହେଳିତ ସମ୍ପ୍ରଦାୟର ୨ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ବଣ୍ଟନ କରାଯାଇଥିଲା।

ପଖାଳ ପରବରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

ବିଶ୍ୱ ପଖାଳ ଦିବସରେ **ଭଦ୍ରକ** ଜିଲ୍ଲା ଆରଡୀର ବାବା ଆଖଣ୍ଡଳମଣିଙ୍କ ପୀଠରେ ମଣୀ ବାବାଙ୍କୁ ଦହି ପଖାଳ ଏବଂ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ଲାଗି ହେବା ପରେ ନୀତିକାନ୍ତି ସହ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ ପଖାଳ ଦିବସରେ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଯୋଗଦେଇ ଓଡ଼ିଆ ଅସ୍ମିତା ପରମ୍ପରା ରୋଷେଇ ଶାଳରେ ଦହି ପଖାଳକୁ ସମସ୍ତେ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

## ଉଷା ପାଢ଼ୀ

ଭୁବନେଶ୍ୱର ଖାରବେଳ ଭବନରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍କୋ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସିଟିଗ୍ୟାସ୍ ବିତରଣ ନେଇ ଏକ ନୀତି ପ୍ରଣୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଦୀର୍ଘକାଳୀନ ବିକାଶକୁ ଦୃଷ୍ଟିରେ ରଖି ଭବିଷ୍ୟତମୁଖୀ ଏବଂ ନାଗରିକ କୈନ୍ଦ୍ରୀକ ନୀତି ପ୍ରସ୍ତୁତ ଉପରେ ଆଲୋଚନା କରାଯାଇଛି। ସହରାଞ୍ଚଳରେ ସିଟି ଗ୍ୟାସ୍ ବିତରଣ ନେଟଓ୍ୱର୍କର

ଦ୍ରୁତ ସମ୍ପ୍ରସାରଣ ପାଇଁ ଏକ ଆକାଂକ୍ଷୀ ତଥା ବାସ୍ତବବାଦୀ ନୀତିର ଆବଶ୍ୟକତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ପ୍ରସ୍ତାବିତ ନୀତି ସ୍ୱଚ୍ଛ, ଦକ୍ଷ ଏବଂ ନିର୍ଭରଯୋଗ୍ୟ ଶକ୍ତିର ଉପଲବ୍ଧତା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ।

## ଖବର ସଂକ୍ଷିପ୍ତରେ...

**ନୟାଗଡ଼** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ପୋକ୍ସୋ ଆଇନ୍ ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି।

**ନୟାଗଡ଼** ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

**ଦେବଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜଲ୍ଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜବର ଦଖଲ ଉଚ୍ଛେଦ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

# ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୫ଟି ଜିଲ୍ଲାକୁ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ଆଜି ଓ ଆସନ୍ତାକାଲି ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବାରଣ କରାଯାଇଛି।